# Akashvani, Sambalpur

## SAMBALPURI NEWS BULLETIN

### 20 November 2025 – 6.47- 6.52 am.

*********************************************

ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ଛତିଶଗଡ଼ ଗସ୍ତଥି ଯିବେ । ଦିଲ୍ଲୀ ନୁ ବାୟୁସେନାର ଖାସ୍ ବିମାନ୍‌ଥି ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକେ ସଖାଲର୍ ପାଖାପାଖି ୧୦ ବଜେ ପୁହୁଁଚିବାର୍ କାର୍ଯ୍ୟସୂଚୀ ରହିଛେ । ବିମାନ ବନ୍ଦରନୁ ରାଷ୍ଟ୍ରପତି ବାୟୁସେନା ହେଲିକେପ୍ଟର୍‌ଥି ସିଧସଲଖ୍ ଛତିଶଗଡ଼ ଯାତ୍ରା କର୍‌ବେ । ରାଷ୍ଟ୍ରପତିଙ୍କର ଗସ୍ତକେ ନେଇକରି ଝାରସୁଗୁଡ଼ା ବିମାନବନ୍ଦର ନ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛେ ।

ମୁଖ୍ୟମନ୍ତ୍ରୀ ବିହାର ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ବିହାର ଗସ୍ତଥି ଯାଉଛନ୍ । ବିହାର ନ ହେବାର୍‌କେ ଥିବା ଏନ୍‌ଡିଏ ସରକାରଙ୍କର ଶପଥ ଗ୍ରହଣ ସମାରୋହଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗ୍ ଦେବେ । ନୀତୀଶ କୁମାର

୧୦ ନମ୍ବର ଥର ଲାଗି ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର୍‌କେ ଯାଉଥିବାର୍ ବେଲେ ଇ ଅବ୍‌ସରେ ସାମିଲ୍ ହେବାର୍‌କେ ଶ୍ରୀ ମାଝୀଙ୍କୁ ନିଉତା ମିଳିଛେ ।

ରାଜସ୍ୱ ମନ୍ତ୍ରୀ ଆର୍‌ଏନ୍‌ୟୁ/ସମ୍ବଲପୁର/ଏକ୍ସ

ସାଁପ୍ ଚବାଥି ଜୀବନ୍ ଗଲେ ଅନୁକମ୍ପା ସାହାଜ୍ ଟଙ୍କା ୧୦ ଲାଖ୍‌କେ ବଢ଼ାବାର୍‌କେ ରାଜ୍ୟ ସରକାର ଚିନ୍ତା କରୁଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସେ କହିଛନ୍, ଆଘୋନୁ ଇ ସାହାଜ୍ ୪ ଲାଖ୍ ଟଙ୍କା ଥିଲା । ଗୁଟେ ମାମ୍‌ଲାର୍ ଶୁଣାଣି କରିକରି ସୁପ୍ରିମ୍‌କୋର୍ଟ ଏଛେନ୍ ଇତାକେ ୧୦ ଲାଖ୍ ଟଙ୍କା କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ସୁପ୍ରିମ୍‌କୋର୍ଟଙ୍କର୍ ରାୟ ଆଧାର୍‌ଥି ରାଜ୍ୟ ସରକାର ସାହାଜ୍ ବଢ଼ାବାର୍‌କେ ନିଷ୍ପତି ନେଇଛନ୍ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚ୍‌ନା ଦେଇଛନ୍ ।
(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ଚଳଚ୍ଚିତ୍ର ସଂରକ୍ଷଣ କର୍ମଶାଳା I&PR

ଭୁବନେଶ୍ୱର କଳାଭୂମିଠାନେ ୧୦ ନମ୍ବର ଚଲଚ୍ଚିତ୍ର ସଂରକ୍ଷଣ ଆଉ ପୁନରୁଦ୍ଧାର କର୍ମଶାଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ଅବ୍‌ସରେ ରାଜ୍ୟ ସରକାର ଆଉ ଫିଲ୍ମ ହେରିଟେଜ୍ ଫାଉଣ୍ଡେସନ୍ ଭିତ୍‌ରେ ରାଜ୍ୟ ଚଲଚ୍ଚିତ୍ର ଅଭିଲେଖାଗାର ଥାପ୍‌ନା ଲାଗି ରାଜିନାମା ସ୍ୱାକ୍ଷରିତ୍ ହେଇଛେ । ଉଦ୍‌ଯାପନୀ ସମାରୋହଥି ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗ୍ ଦେଇକରି କହିଛନ୍, ସିନ୍‌ମା ଆମର୍ ସାମାଜିକ୍, ସାଂସ୍କୃତିକ୍ ଜୀବନ୍‌ର ବାସ୍ତବ ଛବି ଆଏ । ଇତାର୍ ସଂରକ୍ଷଣ ଜରିଏ ଆମର୍ ଦିନୁଦିନ୍‌କେ ଲୁକି ଯାଉଥିବା ସିନ୍‌ମା ଫେର୍‌ଘାଏ ବଂଚି ଉଠ୍‌ବା ବଲି ଶ୍ରୀ ସିଂହଦେଓ କହିଛନ୍ । କାର୍ଯ୍ୟକ୍ରମ୍‌ଥି ହସ୍ତତନ୍ତ ଆଉ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କର ସହେତେ ଅଲ୍‌ଗାମାନେ ଉପସ୍ଥିତ ଥିଲେ ।

ସମବାୟ ସପ୍ତାହ                I&PR

ଭୁବନେଶ୍ୱର ଜୟଦେବ ଭବନ୍ ନ ଗଲାକାଏଲ୍ ନିଖିଳ ଭାରତ ସମବାୟ ସପ୍ତାହ ରାଜ୍ୟସ୍ତରୀୟ ମହୋତ୍ସବ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ସମବାୟ, ହସ୍ତତନ୍ତ ଆଉ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଲୁକ୍‌କୁ ତଲସ୍ତର୍ ତକ୍ ସବୁ ରକ୍‌ମର୍ ସେବା ଯୁଗେଇ ଦେବାର୍ ଲାଗି ସମବାୟ କ୍ଷେତ୍ରକେ ଆହୁରି ବର୍‌କସ୍

କରାଯିବା ବଲି କହିଛନ୍ । ଇ ଅବ୍ସରେ ଭଲ୍ ପ୍ରଦର୍ଶନ୍ କରିଥିବା ସମବାୟ ସଂସ୍ଥାମାନ୍କୁ ପୁରସ୍କୃତ୍ କରାଯାଇଥିଲା ।

ସିବିଏସ୍ଇ ୧୦-୧୨ ପରୀକ୍ଷା        ଆର୍ଏନ୍ୟୁ/ ସମ୍ବଲପୁର

ସିବିଏସ୍ଇ ତର୍ଫୁ ୧୦ ଆଉ ୧୨ ଶ୍ରେଣୀର୍ ପରୀକ୍ଷା ତାରିଖ୍ ଘୋଷଣା କରାଯାଇଛେ । ଆଏବା ଜାନୁୟାରୀ ୧ ତାରିଖ୍ନୁ ଇ ଦୁହି ଶ୍ରେଣୀ ଲାଗି ପ୍ରାକ୍ଟିକାଲ୍ ଆଉ ଇଂଟରନାଲ୍ ପରୀକ୍ଷା ମୁଲ୍ ହେବା ବଲି ସିବିଏସ୍ଇ ତର୍ଫୁ ବିଜ୍ଞପ୍ତି ବାହାରିଛେ । ଜାନୁୟାରୀ ୧ନୁ ଫେବୃୟାରୀ ୧୪ତକ୍ ପ୍ରାକ୍ଟିକାଲ୍ ପରୀକ୍ଷା ସହେତେ ଇଂଟରନାଲ୍ ଆଉ ପ୍ରକଳ୍ପ ମୂଲ୍ୟାୟନ୍ କରାଯିବା ।

ଲିଙ୍ଗଗତ ସମାନତାର୍ ଜାତୀୟ କର୍ମଶାଳା        I&PR

ବିପର୍ଯ୍ୟୟ ସମିଆଥି ଲୁକ୍କୁ ସୁରକ୍ଷା ଦେବାର୍ ଆଉ ଶୂନ୍ୟ ମୃତ୍ୟୁହାର ନିଶ୍ଚିତ୍ କର୍ବାର ଲାଗି ସରକାର ସବୁବେଲେ ଚେରେଷ୍ଟା କରୁଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍ନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ଭୁବନେଶ୍ୱର ନ ଗଲାକାଏଲ୍ ବିପର୍ଯ୍ୟୟ ପ୍ରତିରୋଧ କ୍ଷେତ୍ରଥି ଲିଙ୍ଗଗତ ସମାନତାର୍ ଜାତୀୟ କର୍ମଶାଳାଥି ଯୋଗ୍ ଦେଇକରି ଇ କର୍ମଶାଳା

ବିପର୍ଯ୍ୟୟ ବିପଦ୍ କମ୍ କର୍‌ବାର ଦିଗେ ଗୁଟେ ଦାୟିତ୍ୱ ସମ୍ପନ୍ନ ପ୍ରଶାସନ୍‌କେ ମାର୍ଗଦର୍ଶନ୍ ଦେବା ବଲି ଶ୍ରୀ ପୂଜାରୀ କହିଛନ୍ ।

ଅନ୍ତର୍ଜାତୀୟ ଚଲଚ୍ଚିତ୍ର ମହୋତ୍ସବ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଗୋଆ ନ ୫୬ ନମ୍ବର୍ ଅନ୍ତର୍ଜାତୀୟ ଚଲଚ୍ଚିତ୍ର ମହୋତ୍ସବ୍ ଆଇ.ଏଫ୍.ଏଫ୍.ଆଇ-୨୦୨୫ ଆଏଜ୍‌ଠାନୁ ମୁଲ୍ ହେଉଛେ । ଭାରତ୍‌ର ସିନ୍‌ମା ଐତିହ୍ୟ ପ୍ରଦର୍ଶନ୍ କରୁଥିବା ଗୁଟେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ସହେତେ ଇ ମହୋତ୍ସବ୍‌ର ଶୁଭାରମ୍ଭ ହେବା । ୮୦ ନୁ ଅଏତ୍‌କା ଦେଶର୍ ପ୍ରତିନିଧି ଆଉ ଚଲଚ୍ଚିତ୍ର ନିର୍ମାତା ଇଥି ଭାଗ୍ ନେବାର୍ ସହେତେ ୨ ଶହ ୭୦ ନୁ ଅଏତ୍‌କା ସିନ୍‌ମା ପ୍ରଦର୍ଶନ୍ କରାଯିବା । ଆଏବା ୨୮ ତାରିଖ୍‌ତକ୍ ପଞ୍ଜିମ୍ ଠାନେ ଇ ମହୋତ୍ସବ୍ ହେବା । ଗୋଆର୍ ୫ ଟା ପ୍ରମୁଖ ଜାଗା ନ ଚଲଚ୍ଚିତ୍ର ମାନ୍‌କର୍ ପ୍ରଦର୍ଶନ୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଉଛେ ।

ରାଷ୍ଟ୍ରୀୟ ଲୋକ ଅଦାଲତ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଆଏବା ମାସର୍ ୧୩ ତାରିଖ୍ ଦିନ ୪ ନମ୍ବର ରାଷ୍ଟ୍ରୀୟ ଲୋକ ଅଦାଲତ୍ ହେବା । ଜିଲ୍ଲା ଅଦାଲତ୍ ସହେତେ କୋମନା, ଖଡ଼ିଆଳ, ସିନାପାଲି ଆଉ ବୋଡ଼େନ୍ ଅଦାଲତ୍ ନ ଭିଲ୍ ଲୋକ ଅଦାଲତ୍ର ଆୟୋଜନ କରାଯିବା । ଇ ସମିଆଥି ହର୍ ରକ୍ମର ବିଚାରାଧିନ ମାମଲା, ଦେଓ୍ୱାନୀ, ଫୌଜ୍ଦାରୀ, ଗାଡ଼ି ଦୁର୍ଘଟଣା, ବିବାହ ବିଚ୍ଛେଦ, ରାଜସ୍ୱ ମୋକଦ୍ଦମାର୍ ସମାଧାନ୍ କରାଯାଇ ପାର୍ବା ।

ଜାତୀୟ ପାରା ସନ୍ତରଣ                I&PR

ହାଇଦ୍ରାବାଦ୍ ନ ହେଇଥିବା ଜାତୀୟ ପାରା ସନ୍ତରଣ ଚାମ୍ପିଅନ୍ସିପ୍-୨୦୨୫ଥି ଓଡ଼ିଶାର୍ ଖେଳାଳିମାନେ ୩୯ଟା ପଦକ୍ ଜିତିକରି ରାଜ୍ୟ ଲାଗି ଗୌରବ୍ ଆନିଛନ୍ । ଖେଳାଳିମାନେ ୮ଟା ସ୍ୱର୍ଣ୍ଣ, ୧୮ଟା ରୌପ୍ୟ ଆଉ ୧୩ଟା କାଂସ୍ୟ ପଦକ୍ ଜିତିଛନ୍ । ଇ ଅବ୍ସରେ କ୍ରୀଡ଼ା ଆଉ ଯୁବସେବାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଖେଳାଳିମାନ୍ଙ୍କୁ ଶୁଭେଚ୍ଛା ଜନେଇକରି  ଆଏବା ଦିନେ ଇ ସଫଲ୍ତା ଖେଳାଳିମାନ୍ଙ୍କୁ ଆହୁରି ତହଁକାବା ବଲି କହିଛନ୍ ।

ପାଣିପାର୍            ଆର୍ଏନ୍ୟୁ/ ସମ୍ବଲପୁର

ସାରା ରାଏଜେ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୨୪ ଘଂଟା ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆଉ ଟିକେ କମିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।
ଗଲକାଏଲ୍ ଦାରିଙ୍ଗବାଡ଼ି ନ ରାତିର୍ ତାପମାତ୍ରା ୮ ଦଶମିକ୍ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛେ ।